Downloaded From: http://iasexamportal.com

CS (MAIN) Exam:2016

**M–ESC–CU–ORY**

# ODIA

**( Compulsory )**

| Time Allowed : Three Hours | Maximum Marks : 300 |
|---|---|

## QUESTION PAPER SPECIFIC INSTRUCTIONS

**Please read each of the following instructions carefully before attempting questions**

All questions are to be attempted.

The number of marks carried by a question/part is indicated against it.

Answers must be written in ODIA (Odia script) unless otherwise directed in the question.

Word limit in questions, wherever specified, should be adhered to and if answered in much longer or shorter than the prescribed length, marks may be deducted.

Any page or portion of the page left blank in the Question-cum-Answer Booklet must be clearly struck off.

---

# ଓଡ଼ିଆ

**( ବାଧ୍ୟତାମୂଳକ )**

| ସମୟ : ତିନିଘଣ୍ଟା | ପୂର୍ଣ୍ଣସଂଖ୍ୟା : 300 |
|---|---|

## ପ୍ରଶ୍ନପତ୍ର ସଂପର୍କିତ ନିର୍ଦ୍ଦେଶାବଳୀ

**ଉତ୍ତର ଦେବା ପୂର୍ବରୁ ନିମ୍ନରେ ପ୍ରଦତ୍ତ ପ୍ରତ୍ୟେକଟି ନିର୍ଦ୍ଦେଶକୁ ଯତ୍ନର ସହିତ ପାଠ କର**

ପ୍ରତ୍ୟେକଟି ପ୍ରଶ୍ନର ଉତ୍ତର ଦେବାକୁ ହେବ।

ପ୍ରତ୍ୟେକଟି ପ୍ରଶ୍ନ/ପ୍ରଶ୍ନାଂଶ ନିକଟରେ ଏହାର ନମ୍ବର ଦିଆଯାଇଛି।

ଉତ୍ତର ଓଡ଼ିଆରେ (ଓଡ଼ିଆ ଲିପି) ବା ପ୍ରଶ୍ନର ନିର୍ଦ୍ଦେଶ ଅନୁସାରେ ହେବା ଆବଶ୍ୟକ।

ପ୍ରଶ୍ନରେ ଯେଉଁଠି ଶବ୍ଦ ସଂଖ୍ୟାର ନିର୍ଦ୍ଦେଶ ରହିଛି ତାହା ପାଳନୀୟ। ଯଦି ପ୍ରଶ୍ନରେ ନିର୍ଦ୍ଦେଶିତ ଶବ୍ଦସଂଖ୍ୟାଠାରୁ ଉତ୍ତର ଯଥେଷ୍ଟ ବେଶି ବା କମ୍ ହୁଏ ତେବେ ନମ୍ବର କମାଯାଇପାରେ।

ପ୍ରଶ୍ନ-ଉତ୍ତର ପୁସ୍ତିକାର କୌଣସି ପୃଷ୍ଠା ବା ପୃଷ୍ଠାର କିଛି ଅଂଶ ଖାଲି ରହୁଥିଲେ ତାକୁ ଗାର ପକାଇ କାଟିଦେବା ଆବଶ୍ୟକ।



Downloaded From: http://iasexamportal.com

Downloaded From: http://iasexamportal.com

**1.** ନିମ୍ନୋକ୍ତ ଯେକୌଣସି ଗୋଟିଏ ବିଷୟରେ *600* ଶବ୍ଦ ମଧ୍ୟରେ ଏକ ପ୍ରବନ୍ଧ ଲେଖ : 100

(*a*) ସଂସ୍କୃତି କାହିଁକି ମହତ୍ତ୍ୱପୂର୍ଣ୍ଣ ?

(*b*) 'ସ୍ମାର୍ଟ ନଗର' ଏବଂ 'ଅଣସ୍ମାର୍ଟ ନାଗରିକ'

(*c*) ନ୍ୟାୟିକ ସକ୍ରିୟତା (Activism) ବନାମ ନ୍ୟାୟିକ ସୀମା ଅତିକ୍ରମ (Overreach)

(*d*) ସ୍କୁଲପିଲାଙ୍କ ମଧ୍ୟରେ ଐତିହ୍ୟ-ପ୍ରୀତି ନିମନ୍ତେ ପ୍ରୋତ୍ସାହନ

**2.** ନିମ୍ନ ପରିଚ୍ଛେଦଟି ଭଲଭାବରେ ପାଠ କର। ଏହାକୁ ଭିତ୍ତିକରି ଶେଷରେ ଦିଆଯାଇଥିବା ପ୍ରଶ୍ନମାନଙ୍କର ଉତ୍ତର ସ୍ପଷ୍ଟ, ସଠିକ୍ ଓ ସଂକ୍ଷିପ୍ତ ଭାବରେ ଦିଅ : 12×5=60

କୁହାଯାଏ ଯେ ନାରୀ ଅର୍ଦ୍ଧେକ ଆକାଶ ବ୍ୟାପ୍ତ। ଆମେ ଏହାକୁ ଟିକେ ସମର୍ଥନ କରି କହିପାରୁ ଯେ ସେମାନେ ଅର୍ଦ୍ଧାଧିକ ଆକାଶ ବ୍ୟାପ୍ତ। ମାତ୍ର ବାସ୍ତବରେ ପ୍ରତ୍ୟେକ ଦେଶର, ଇତିହାସର ପ୍ରତ୍ୟେକ ଯୁଗରେ; ପ୍ରତ୍ୟେକ ସଂସ୍କୃତି ଓ ପରଂପରାରେ; ପ୍ରତ୍ୟେକ ଅଞ୍ଚଳରେ; ଧର୍ମ, ଜାତି, ବର୍ଣ୍ଣ, ସଂପ୍ରଦାୟ ଓ ଶ୍ରେଣୀରେ; ଆମର ବିବିଧତାପୂର୍ଣ୍ଣ ଅତୀତ ଓ ବୈଚିତ୍ର୍ୟପୂର୍ଣ୍ଣ ବର୍ତ୍ତମାନରେ ନାରୀଜାତି ପୁରୁଷ ତୁଳନାରେ ସର୍ବଦା ଜୀବନର ସବୁ କ୍ଷେତ୍ରରେ ଅସୁବିଧା ଭୋଗ କରେ। ସେମାନେ ଖାଦ୍ୟ, କର୍ମ, ଶିକ୍ଷା, ସ୍ୱାସ୍ଥ୍ୟର ଯତ୍ନ, ବିକାଶରେ ଭାଗନେବା, ନେତୃତ୍ୱ ନେବା, ବିଚାର କରିବା, ସ୍ୱପ୍ନ ଦେଖିବା ଓ ସ୍ୱପ୍ନକୁ ଉପଲବ୍ଧି କରିବାର ସୁଯୋଗ ପ୍ରାପ୍ତିରେ ସାମାଜିକ ବ୍ୟବସ୍ଥାଗତ ବୈଷମ୍ୟର ଶିକାର ହୋଇଆସୁଛନ୍ତି। ବାସ୍ତବିକ, ଲକ୍ଷାଧିକ ବର୍ଷଧରି ସେମାନେ ପୃଥିବୀର ବୃହତ୍ତମ ସଂଖ୍ୟାଲଘୁ ଗୋଷ୍ଠୀ।

ପୁରୁଷପ୍ରଧାନ ସମାଜରେ ନାରୀକୁ ବ୍ୟକ୍ତି ଦୃଷ୍ଟିରେ ଦେଖାଯାଏ ନାହିଁ। ସେମାନେ ସଂପୂର୍ଣ୍ଣ ନୁହଁନ୍ତି ଏବଂ ତାଙ୍କର ଆତ୍ମସମ୍ମାନ ଓ ସ୍ୱତନ୍ତ୍ରତା ଅଛି ବୋଲି ମନେ କରାଯାଏ ନାହିଁ। ସେମାନଙ୍କର ସାମାଜିକ ବ୍ୟବସ୍ଥା, ନ୍ୟାୟ ବ୍ୟବସ୍ଥା ଏବଂ ଅନୁଷ୍ଠାନଗୁଡ଼ିକରୁ ସମାନ ସମ୍ମାନ ଓ ଅଧିକାର ପାଇବାର ଯୋଗ୍ୟତା ଅଛି। ଅଥଚ ସେମାନେ ପୁରୁଷମାନଙ୍କର ଏକ ସାମଗ୍ରୀ ଭାବେ ପରିଗଣିତ ହୁଅନ୍ତି। ନାରୀମାନଙ୍କୁ ସାଧାରଣତଃ ନାରୀତ୍ୱର ଆବରଣ ତଳେ ତାଙ୍କୁ ସନ୍ତାନସନ୍ତତି ଉତ୍ପନ୍ନ କରିବା, ପରିବାରର ଯତ୍ନ ନେବା ଓ ଶୃଙ୍ଗାର ସମ୍ଭୋଗର ବସ୍ତୁ ତଥା ପରିବାରର ସମୃଦ୍ଧିର ସାଧାରଣ କାରଣ ରୂପେ ଗ୍ରହଣ କରାଯାଉଛି। ସଂସ୍କୃତି ଦୃଷ୍ଟିରୁ ସେମାନେ ସମାଜରେ ପୁରୁଷର ସହଯୋଗୀ ରୂପେ ଗ୍ରହଣୀୟ ହୋଇଥାନ୍ତି। ଯେମିତିକି କନ୍ୟା, ସ୍ତ୍ରୀ ଓ ମାତା। ନଚେତ୍ ସେମାନେ ଅନାବଶ୍ୟକ ଓ ଅଦରକାରୀ ହୋଇପଡ଼ନ୍ତି।

ପୁରୁଷ ସହିତ ସମ୍ପର୍କ ବିଚ୍ଛିନ୍ନା ମହିଳା, 'ଏକାକୀ' ମହିଳା, ଯେଉଁମାନେ ଏହି ବ୍ୟବସ୍ଥାର ବାହାରେ ଅବସ୍ଥାନ କରନ୍ତି—ସେମାନେ ହେଲେ ବିବାହ ବୟସ ଅତିକ୍ରାନ୍ତ ଅଥଚ ବିବାହ ହୋଇନଥିବା, ବିଧବା କିମ୍ବା ଛାଡ଼ପତ୍ର ପାଇ ଅଲଗା ରହୁଥିବା ମହିଳା। ପୁରୁଷର ଅଭିଭାବକତ୍ୱ ବା ସୁରକ୍ଷା, ଯାହା ପାଇଁ ବିଭିନ୍ନଭାବେ ମହିଳାର ଜୀବନ ସୁରକ୍ଷିତ ବୋଲି କୁହାଯାଏ—ତା'ର ଅଭାବ ସମାଜ ଦୃଷ୍ଟିରେ ଏକ ଅଘଟନ। ସେହି ଅଘଟନକୁ ଆହୁରି ତୀବ୍ର ମନେ କରାଯାଏ, ଯେତେବେଳେ ମହିଳା ସ୍ୱେଚ୍ଛାରେ ସେହି ସୁରକ୍ଷାକୁ ଖାରିଜ କରେ। ରୋଗବ୍ୟାଧିରେ ବା ଦୁର୍ଘଟଣାରେ ସ୍ୱାମୀର ମୃତ୍ୟୁ ଘଟିଲେ ବି ସମାଜ ଏହାକୁ ଏକ ଅଘଟନ ହିସାବରେ ଦେଖିଥାଏ। ସାଧାରଣତଃ ପୁରୁଷର ସମସ୍ତ କ୍ରୋଧ ସେହି ମହିଳା ଉପରେ ପଡ଼ିଥାଏ, ଯେଉଁ ମହିଳା ପୁରୁଷର ସମସ୍ତ ଛତ୍ରଛାୟା ବାହାରେ ଯାଇ ଏକା ବସବାସ କରେ।

ବହୁ ବିକାଶଶୀଳ ରାଷ୍ଟ୍ରରେ ଶତକଡ଼ା ୬୦ରୁ ୮୦ ଭାଗ ଏବଂ ପୃଥିବୀରେ ଶତକଡ଼ା ୫୦ ଭାଗ ଖାଦ୍ୟ ମହିଳାମାନଙ୍କ ଦ୍ୱାରା ଉତ୍ପନ୍ନ ହେଉଅଛି। ସଂସ୍କୃତି ଦୃଷ୍ଟିରୁ ଅଧିକାଂଶ ଘରେ ନାରୀମାନେହିଁ ଖାଦ୍ୟ ଯୋଗାଡ଼ କରିଥାନ୍ତି। ଭାରତବର୍ଷରେ ଆମ ସମାଜ ତଥା ଗୃହରେ ପ୍ରଚଳିତ ଅଛି ଯେ, ଜଣେ ମହିଳା ଗୃହରେ ସମସ୍ତଙ୍କ ପରେ ଖାଦ୍ୟ ଖାଇଥାନ୍ତି। ଏପରିକି ଅନେକଙ୍କ ଗୃହରେ କେତେକ ଅସୁବିଧା ଯୋଗୁଁ ସେମାନେ କିଛି ଖାଦ୍ୟ ଖାଇପାରନ୍ତି ନାହିଁ। ଆମ ପରିବାରରେ ଏହି ବୈଷମ୍ୟମୂଳକ ପରମ୍ପରାରେ ମହିଳାମାନଙ୍କୁ ଉପଯୁକ୍ତ ପୁଷ୍ଟିକର ଓ ପର୍ଯ୍ୟାପ୍ତ ଖାଦ୍ୟରୁ ବଞ୍ଚିତ କରାଯାଏ। ଏପରିକି, ପର୍ଯ୍ୟାପ୍ତ ଖାଦ୍ୟ ପଦାର୍ଥ ଥିବା ପରିବାର ମଧ୍ୟରେ ମଧ୍ୟ ମହିଳାମାନେ ଉପବାସରେ ରହିଥାନ୍ତି। ସମାଜରେ ଜଣେ 'ଏକାକୀ' ମହିଳାଙ୍କ ପାଇଁ ଅନେକ ବାଧାବନ୍ଧନ ସୃଷ୍ଟି କରାଯାଇଛି, ଯାହାକୁ ସେ ଅତିକ୍ରମ କରିବା କଷ୍ଟସାଧ୍ୟ, ଯଦିଓ ଏକା ହୋଇ ବି ସେମାନେ ନିଜ ନିଜ ଜୀବନରେ ପ୍ରତିଷ୍ଠିତ ହେବାକୁ ସକ୍ଷମ ହୋଇଛନ୍ତି।

ସ୍ୱଳ୍ପ ସଂଖ୍ୟକ ରାଷ୍ଟ୍ର ମଧ୍ୟରୁ ଭାରତ ହେଉଛି ଏକ ରାଷ୍ଟ୍ର, ଯେଉଁଠାରେ କି ମହିଳା ଓ କନ୍ୟାମାନେ ପୁରୁଷ ଓ ପୁତ୍ରମାନଙ୍କ ଅପେକ୍ଷା ସଂଖ୍ୟାରେ ଅପେକ୍ଷାକୃତ କମ୍। ବିଗତ ଶତାବ୍ଦୀରେ ମହିଳାମାନଙ୍କର ସଂଖ୍ୟା କମିବାରେ ଲାଗିଛି। ୨୦୦୧ ଜନଗଣନା ଅନୁସାରେ ପ୍ରତି ୧୦୦୦ ପୁରୁଷଙ୍କ ଅନୁପାତରେ ୯୩୩ ଜଣ ମହିଳା ଅଛନ୍ତି। ଯଦି ପୁରୁଷ ଓ ପୁତ୍ରମାନଙ୍କୁ ଦିଆଯାଉଥିବା ସୁବିଧା ସୁଯୋଗ, ପୁଷ୍ଟିକର ଖାଦ୍ୟ ଓ ସ୍ୱାସ୍ଥ୍ୟଗତ ଯତ୍ନ, ମହିଳା ଓ କନ୍ୟାମାନଙ୍କୁ ଦିଆଯାଇପାରନ୍ତା ତେବେ ନିଶ୍ଚିତ ଭାବରେ ପୁରୁଷ ଓ ମହିଳାଙ୍କ ସଂଖ୍ୟା ପ୍ରାୟ ସମାନ ହୋଇପାରନ୍ତା। ସେ କ୍ଷେତ୍ରରେ ୨୦୦୧ ଜନଗଣନା ଅନୁସାରେ ମହିଳା ଓ କନ୍ୟାସଂଖ୍ୟା ୩୫ ମିଲିୟନ କମ୍ ଅଛି।



Downloaded From: http://iasexamportal.com

Downloaded From: http://iasexamportal.com

୨୦୧୧ ଜନଗଣନା ଅନୁସାରେ ମହିଳାମାନଙ୍କ ସଂଖ୍ୟା କିଛିଟା ବଢ଼ି ୯୪୦ରେ ପହଞ୍ଚିଛି। ବର୍ତ୍ତମାନ ବଡ଼ ଉଦ୍‌ବେଗବର ବିଷୟ ହେଲା, ଶୂନରୁ ଛଅ ବର୍ଷ ମଧ୍ୟରେ ଥିବା ବାଳକ ଓ ବାଳିକାଙ୍କ ଲିଙ୍ଗ ଅନୁପାତ ବହୁ ପରିମାଣରେ କମିବାକୁ ଲାଗିଛି। ଯାହାକି ୨୦୦୧ରେ ୯୨୭ ଥିଲାବେଳେ ୨୦୧୧ରେ ତାହା କମି ୯୧୪ରେ ପହଞ୍ଚିଛି। ନିଃସନ୍ଦେହରେ ଏହି ପରିସଂଖ୍ୟାନରୁ ପ୍ରତିଷ୍ଠିତ ହୁଏ ଯେ ଆଜିର ସମାଜର ସାମାଜିକ ଓ ସାଂସ୍କୃତିକ ପୃଷ୍ଠଭୂମି, ବୈଷୟିକ ଜ୍ଞାନ-କୌଶଳର ବୃଦ୍ଧି, ପୃଥକ ଭାବରେ ବୈଷମ୍ୟ ସୃଷ୍ଟି, ଅବହେଳା, ପ୍ରତିକୂଳତା ଯୋଗୁଁ ଲକ୍ଷାଧିକ ବାଳିକା ଓ ମହିଳାଙ୍କର ଜୀବିତ ରହିବାର ସୁଯୋଗ ଆଜି ହଜିଯାଉଛି। ଏତଦ୍‌ବ୍ୟତୀତ ବିବିଧ ଉପାୟରେ ଆମ ଭାରତୀୟ ସମାଜରେ ପ୍ରତ୍ୟେକ ଦିନ ଅସଂଖ୍ୟ ବାଳିକା ଓ ମହିଳାଙ୍କୁ ହତ୍ୟା କରାଯାଉଛି।

ପ୍ରଶ୍ନାବଳୀ :

(a) ଜନଗଣନା ଅନୁସାରେ ବାଳିକା ଓ ମହିଳାମାନଙ୍କ ସଂଖ୍ୟାରୁ କ'ଣ ସୂଚନା ମିଳେ? 12

(b) ଖାଦ୍ୟ ଏବଂ ନାରୀ ସମ୍ବନ୍ଧିତ ଅବିଚାରରେ ବିରୋଧାଭାସ କେଉଁଠାରେ? 12

(c) ନାରୀ ଅର୍ଦ୍ଧାଧିକ ଆକାଶରେ ବ୍ୟାପ୍ତ ବିଷୟଟି ତର୍କଯୋଗ୍ୟ ବୋଲି କହିବା ପଛରେ ଲେଖକଙ୍କ ବକ୍ତବ୍ୟ କ'ଣ? 12

(d) ପୁରୁଷ ପ୍ରଧାନ ସମାଜରେ ନାରୀ କିପରି କେବଳମାତ୍ର ଏକ ଯନ୍ତ୍ରରେ ପରିଣତ ହୁଏ? 12

(e) ଲେଖକଙ୍କ ମତରେ ଆମ ସମାଜରେ ଏକାକୀ ମହିଳାମାନେ କିପରି ଅଧିକ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି? 12

3. ନିମ୍ନଲିଖିତ ଗଦ୍ୟାଂଶଟିର ସଂକ୍ଷିପ୍ତସାର ଏକ-ତୃତୀୟାଂଶ ଶବ୍ଦ ମଧ୍ୟରେ ଲେଖ। ଏହି ଗଦ୍ୟାଂଶର ଏକ ନାମ ଦେବା ଅନାବଶ୍ୟକ। ସାରାଂଶଟିକୁ ନିଜ ଭାଷାରେ ଲେଖ : 60

ଆମ ଭିତରୁ ଅନେକ ଏ କଥାରେ ଏକମତ ହେବେ ଯେ ବିଶ୍ୱସ୍ତ ହେବା ପ୍ରଶଂସନୀୟ। ଆମର ପରିବାର, ବନ୍ଧୁବାନ୍ଧବ ତଥା ଆମର ଦେଶପ୍ରତି ବିଶ୍ୱସ୍ତତାକୁ ଆମେ ସମର୍ଥନ କରୁ। ପ୍ରକୃତ ପକ୍ଷେ, ଯେଉଁ ସମସ୍ତ ବ୍ୟକ୍ତି ବା ଗୋଷ୍ଠୀପ୍ରତି ବିଶ୍ୱସ୍ତ ରହିବାର କାରଣ ଅଛି ସେମାନଙ୍କ ପ୍ରତି କୃତଜ୍ଞ ରହିବା ଆବଶ୍ୟକ ଏବଂ ଆମେ ଯେତେବେଳେ ବିଶ୍ୱସ୍ତତାର କଥା କହୁ ସେତେବେଳେ ସେମାନଙ୍କ ବିପଦ ଆପଦରେ ସାହାଯ୍ୟ କରିବା ଏବଂ ସେମାନଙ୍କର ସବୁବେଳେ କଲ୍ୟାଣ କରିବାରେ ଆମର ଆଗ୍ରହ ଥାଏ ବୋଲି ବୁଝାଯାଏ। ଜଣେ ବ୍ୟକ୍ତି କେତେବେଳେ ଅବିଶ୍ୱସ୍ତ ହେଉଛି—ଦୃଷ୍ଟାନ୍ତସ୍ୱରୂପ ଯେତେବେଳେ ଜଣେ ବ୍ୟକ୍ତି ତା'ର ପିତାମାତାଙ୍କ ଯନ୍ତ୍ରଣା ପ୍ରତି ଉଦାସୀନ ହୁଏ ଅଥବା ଜଣେ ନିଜ ଦେଶବିରୋଧୀ ସେନାଦଳରେ ମିଶି ଲଢ଼ାଇ କରେ, ନିର୍ବିଚାରରେ ତା'ର ଦେଶବାସୀଙ୍କୁ ହତ୍ୟା କରେ, ସେତେବେଳେ ଅନେକ ସମୟରେ ଏହା ବେଶ୍ ସ୍ପଷ୍ଟ ହୋଇଯାଏ। ଆମେମାନେ ଅନେକ ଏଇପ୍ରକାର ଲୋକମାନଙ୍କୁ ଗ୍ରହଣ କରିପାରୁନା।

ତା' ସତ୍ତ୍ୱେ ଅନେକ ସମୟରେ ଏପରି ପରିସ୍ଥିତି ଉପୁଜେ ଯେ ଜଣେ ବ୍ୟକ୍ତି ଅବିଶ୍ୱସ୍ତ କି ନୁହେଁ ବିଚାର କରିବା କଠିନ ହୋଇଯାଏ। ଗୋଟିଏ ବୁଦ୍ଧିଆ ପିଲା ତା' ବାପା ମା'ଙ୍କର ପଢ଼ା ବନ୍ଦ କରିଦେଇ ସେମାନଙ୍କୁ ଆର୍ଥିକଭାବେ ସାହାଯ୍ୟ କରିବା ନିମନ୍ତେ କାମ ଆରମ୍ଭ କରିବାର ପରାମର୍ଶକୁ ବିରୋଧ କରେ। ତା'ର ଧାରଣା ହୋଇପାରେ ଯେ ସେ ଆଉ କିଛି ବର୍ଷ ଅଧିକ ପଢ଼ା ଚାଲୁ ରଖିଲେ ବାପା ମା'ଙ୍କୁ ଆଉରି ଭଲ ଭାବରେ ପ୍ରତିଦାନ ଦେଇପାରିବ। ଆଉ ଯଦି ସେ ବର୍ତ୍ତମାନ ପଢ଼ା ବନ୍ଦ କରିଦିଏ ତେବେ ତା'ର ପ୍ରତିଭା ଅପଚୟ ହେବା ସହିତ ସେ କାହାର କାମରେ ଆସିପାରିବନି। କିଛି ବିଚାରଶୂନ୍ୟ ଲୋକ କେତେକ ସମୟରେ ଗୋଟିଏ ପୁଅ ବା ଝିଅକୁ ଏପରି ନିଷ୍ପତ୍ତି ପାଇଁ ଦୋଷାରୋପ କରିପାରନ୍ତି, କିନ୍ତୁ ଅନେକ ସମୟରେ ଏପରି ପିଲା ଯଦି ସେ ବିବେକୀ ଏବଂ ସମ୍ବେଦନଶୀଳ ହୋଇଥାଏ ତେବେ ସମାଲୋଚନା ପରିବର୍ତ୍ତେ ସାହାଯ୍ୟ ଓ ପ୍ରୋତ୍ସାହନ ତା'ର ପ୍ରାପ୍ୟ। ଅପର ପକ୍ଷରେ କେତେକ ପରିସ୍ଥିତିରେ — ଦୃଷ୍ଟାନ୍ତସ୍ୱରୂପ ଯଦି, ପିଲାଟିର ବାପା ମା ଅତି ଗରିବ ହୋଇଥାନ୍ତି, ତେବେ ତାଙ୍କୁ ବାହାରେ ଯାଇ କାମ କରି ସାହାଯ୍ୟ କରିବାକୁ ମନା କରିବା ଅବିଶ୍ୱସ୍ତ ବୋଲି ଧରାଯିବ। ଏପରିକି ଯଦି ସେ ପରବର୍ତ୍ତୀ ଜୀବନରେ ସଫଳତା ପାଏ ତଥାପି ପିଲାଦିନେ କରିଥିବା ଅବିଶ୍ୱସ୍ତ କାର୍ଯ୍ୟ ନିମନ୍ତେ ସର୍ବଦା ଅନୁତାପ କରିପାରେ।

ଅନେକ ସମୟରେ ଏହାଠାରୁ ଅଧିକ ଜଟିଳ ସମସ୍ୟା ହେଲା ଜଣେ ବ୍ୟକ୍ତିର ତା' ଦେଶର ସରକାର ସହିତ ସଂପର୍କ। ଦଳେ ଲୋକ ଯିଏ ନିଜ ଦେଶକୁ ଗଭୀରଭାବେ ଭଲପା'ନ୍ତି ଏବଂ ଏହାର ସୁଖ ସମୃଦ୍ଧି ନିମନ୍ତେ ଉଦ୍‌ବିଗ୍ନ ଥା'ନ୍ତି ସେମାନେ ସରକାର ବିରୋଧରେ ବିଦ୍ରୋହ କରିପାରନ୍ତି, ଏପରିକି ଅସ୍ତ୍ରଶସ୍ତ୍ର ବ୍ୟବହାର କରିପାରନ୍ତି। କାରଣ ସେମାନେ ବିଶ୍ୱାସ କରନ୍ତି ଯେ ଏ ସରକାର ଦେଶପାଇଁ କ୍ଷତିକାରକ ଏବଂ ଏହାଛଡ଼ା ଅନ୍ୟ ଉପାୟରେ ଏ ସରକାରକୁ ବାହାର କରାଯାଇପାରିବନି। ସେମାନେ ତତ୍‌କ୍ଷଣାତ୍ ସରକାରଙ୍କ ଦ୍ୱାରା ବିଦ୍ରୋହୀ ଏବଂ ବିଶ୍ୱାସଘାତକ ଆଖ୍ୟାୟିତ ହୁଅନ୍ତି। ତେବେ ପ୍ରଥମ ଶବ୍ଦଟି ଯଦିଓ ସଂପୂର୍ଣ୍ଣ ଠିକ୍, ଦ୍ୱିତୀୟଟି ଆଦୌ ଠିକ୍ ନ



Downloaded From: http://iasexamportal.com

Downloaded From: http://iasexamportal.com

ହୋଇପାରେ। କାରଣ ସେମାନେ ପ୍ରକୃତରେ ସରକାରଙ୍କଠାରୁ ଦେଶବାସୀଙ୍କ ପ୍ରତି ଅଧିକ ବିଶ୍ୱସ୍ତ। ଦୁର୍ଭାଗ୍ୟବଶତଃ ଜଣେ ବିଦ୍ରୋହୀ ଦେଶପ୍ରତି ବିଶ୍ୱସ୍ତତା କାରଣରୁ ଅନୁପ୍ରେରିତ ଅଥବା ନିଜସ୍ୱ ସ୍ୱାର୍ଥପ୍ରଣୋଦିତ ତାହା ସେ ସଫଳତା ପାଇବା ପୂର୍ବରୁ ଜାଣିବା ଅନେକ ସମୟରେ ବହୁତ କଠିନ। ତା'ହେଲେ ପ୍ରଶ୍ନ ଉଠେ ଯେ ଯେଉଁ ବିଦ୍ରୋହୀ ସଫଳତା ପାଇ ନୂଆ ସରକାର ଗଠନ କଲେ, ସେମାନେ କ'ଣ ସ୍ୱୀକାର କରନ୍ତି ଯେ ସମଗ୍ର ଦେଶବାସୀ ଏପରିକି ତାଙ୍କର ରାଜନୀତିକ ବିରୋଧୀ ସମେତ ସମସ୍ତଙ୍କର କିଛି ନ୍ୟୁନତମ ଅଧିକାର ଅଛି — ଯେମିତି ମୁକ୍ତ ଭାବରେ ବକ୍ତବ୍ୟ ପ୍ରକାଶ କରିବା ଏବଂ ଜନସାଧାରଣଙ୍କର ସମର୍ଥନ ଜୟ କରିବାର ଅଧିକାର। ସେମାନେ ତାଙ୍କର ରାଜନୀତିକ ବିରୋଧୀଙ୍କୁ ଧ୍ୱଂସ କରିବା ପାଇଁ କ୍ଷମତା ପ୍ରୟୋଗ କରୁଛନ୍ତି କି ? ଯଦି ସେମାନେ ପ୍ରଥମଟି କରନ୍ତି ତେବେ ଆମେ ଜାଣିବା ଯେ ସେମାନେ ବାସ୍ତବରେ ଦେଶପ୍ରତି ବିଶ୍ୱସ୍ତ ଏବଂ କେବଳ ନିଜ ଦଳୀୟ ସ୍ୱାର୍ଥ ରକ୍ଷାନେଇ ଚିନ୍ତିତ ନୁହଁନ୍ତି। କିନ୍ତୁ ଯଦି ସେ ଦ୍ୱିତୀୟ କାର୍ଯ୍ୟଟି କରନ୍ତି, ତେବେ ଆମେ ଜାଣିବା ଯେ ଯେଉଁ ସରକାରକୁ କ୍ଷମତାଚ୍ୟୁତ କରିଥିଲେ ସେମାନେ ତାଙ୍କ ପରି ଅବିଶ୍ୱସ୍ତ। ତେବେ ଏ ଜ୍ଞାନ ହେବାବେଳକୁ ଯଥେଷ୍ଟ ବିଳମ୍ବ ହୋଇଯାଇଥିବ।

**4.** ନିମ୍ନ ପରିଚ୍ଛେଦଟିକୁ ଇଂରେଜୀରେ ଅନୁବାଦ କର : 20

ଥରେ ଜଣେ ଅମୀର ତାଙ୍କ ଜାହାଜରେ ସମୁଦ୍ରଯାତ୍ରା କରୁଥିଲାବେଳେ ଏକ ଭୟଙ୍କର ଝଡ଼ବାତ୍ୟା ସୃଷ୍ଟି ହୋଇଥିଲା। ସେ ଜାହାଜରେ ଜଣେ କ୍ରୀତଦାସ ଥିଲେ, ଯିଏକି କେବେ ସମୁଦ୍ର ଯାତ୍ରାରେ ଯାଇନଥିଲେ, ସେ ଏହି ଭୟଙ୍କର ପରିସ୍ଥିତିରେ ସମୁଦ୍ରକୁ ଦେଖି ଭୟ ଓ ଦୁଃଖରେ କ୍ରନ୍ଦନ କରିବାକୁ ଲାଗିଲେ। ଏହିପରି କିଛି ସମୟ ଅତିବାହିତ ହେଲାପରେ ମଧ୍ୟ କେହି ତାଙ୍କୁ ଶାନ୍ତ କରି ପାରି ନଥିଲେ। ଅମୀର ରାଗିଯାଇ କହିଥିଲେ—''ଏଠାରେ କ'ଣ କେହି ନାହାଁନ୍ତି, ଯେ କି ଏହି ଭୀରୁ କାପୁରୁଷକୁ ଶାନ୍ତ କରିପାରିବ ?''

ଏତିକିବେଳେ ସେହି ଜାହାଜରେ ଯାତ୍ରୀ ଭାବରେ ଥିବା ଜଣେ ଦାର୍ଶନିକ କହିଥିଲେ, ''ମୁଁ ଭାବୁଛି ମୁଁ ଏହି ବ୍ୟକ୍ତିଙ୍କୁ ଶାନ୍ତ କରିଦେଇ ପାରିବି ସାର୍, ଯଦି ଆପଣ ମୋତେ ସଂପୂର୍ଣ୍ଣ ଭାବରେ ଅନୁମତି ପ୍ରଦାନ କରିବେ।''

ଅମୀର ଦାର୍ଶନିକଙ୍କୁ ଅନୁମତି ପ୍ରଦାନ କରି କହିଥିଲେ, ''ତୁମେ କାର୍ଯ୍ୟରେ ଆଗେଇ ଚାଲ।''

ଦାର୍ଶନିକ ଜଣକ କେତେଜଣ ନାବିକଙ୍କୁ ଡାକି ନିର୍ଦ୍ଦେଶ ଦେଇଥିଲେ ଯେ, ଏହି କ୍ରୀତଦାସକୁ ସମୁଦ୍ରକୁ ଫୋପାଡ଼ି ଦିଅ। ନାବିକମାନେ ମଧ୍ୟ ତାହା କରିଥିଲେ। ନୈରାଶ୍ୟ ଓ ଭୟରେ ସେହି ମଣିଷଟି ସମୁଦ୍ର ବକ୍ଷରେ ଉଚ୍ଚ ସ୍ୱରରେ ଚିତ୍କାର କରିବା ସହ ପ୍ରଚଣ୍ଡ ଭାବରେ ହାତଗୋଡ଼ ପିଟୁଥିଲେ। କିଛିକ୍ଷଣ ପରେ ସେହି ଦାର୍ଶନିକ ନାବିକମାନଙ୍କୁ ନିର୍ଦ୍ଦେଶ ଦେଇ କ୍ରୀତଦାସକୁ ଜାହାଜର ତଟାଣ ଉପରକୁ ଟାଣି ନେଇଥିଲେ। ତତ୍‌ପରେ କ୍ରୀତଦାସଜଣକ କ୍ଲାନ୍ତ ହେବା ସଙ୍ଗେ ସଙ୍ଗେ ଶାନ୍ତ ଓ ଚୁପ୍ ମଧ୍ୟ ହୋଇଯାଇଥିଲେ।

କ୍ରୀତଦାସର ଆକସ୍ମିକ ପରିବର୍ତ୍ତନରେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଅମୀରଜଣକ ଦାର୍ଶନିକଙ୍କୁ କାରଣ ପଚାରିଲେ। ଉତ୍ତରରେ ଦାର୍ଶନିକ କହିଲେ, ''ଆମେ ଯେଉଁ ପରିସ୍ଥିତିରେ ଅଛୁ ତାହା କେତେ ଭଲ ତା'ଠାରୁ ଖରାପ ପରିସ୍ଥିତିରେ ନ ପଡ଼ିବା ପର୍ଯ୍ୟନ୍ତ ଆମେ ଉପଲବ୍ଧି କରିପାରୁନା।''

**5.** ନିମ୍ନ ପରିଚ୍ଛେଦଟିକୁ ଓଡ଼ିଆରେ ଅନୁବାଦ କର : 20

Man has always been fascinated by dreams. He has always tried to find explanations for his dreams. Perhaps dreams tell us about the future or the past, perhaps they tell us about our deepest fears and hopes. I don't know. Today, I want to give you a completely different explanation. But before I do so, I must give you one or two facts about dreams. First of all, everybody dreams. You often hear people say, 'I never dream', when they mean, 'I can never remember my dreams'. When we dream, our eyes move rapidly in our sleep as if we were watching a moving picture, following it with our eyes. This movement is called REM, that is Rapid Eye Movement. REM sleep is the sleep that matters. Experiments have proved that if we wake people throughout the night during REM, they will feel exhausted the next day. But they won't feel tired at all if we take them at times when they are not dreaming. So the lesson is clear : it is dreaming that really refreshes us, not just sleep. We always dream more if we have had to do without sleep for any length of time.



Downloaded From: http://iasexamportal.com

Downloaded From: http://iasexamportal.com

If that is the case, how can we explain it? I think the best parallel I can draw is with computers. After all, a computer is a very primitive sort of brain. To make a computer work, we give it a programme. When it is working, we can say it is 'awake'. If ever we want to change the programme, that is to change the information we put into the computer, what do we do? Well, we have to stop the computer and put in a new programme or change the old programme.

6. ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ : 40

(a) ବ୍ୟାସବାକ୍ୟ ସହ ସମାସର ନାମ ଲେଖ : 2×4=8

(i) ଦେବର୍ଷି

(ii) ସପ୍ତାହ

(iii) ମନଗଢ଼ା

(iv) ପଦ୍ମନାଭ

(b) ନିମ୍ନ ପ୍ରୟୋଗଗୁଡ଼ିକର ବିଶେଷ ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର : 2×4=8

(i) ଅନ୍ଧର ଲଉଡ଼ି

(ii) କୁମ୍ଭୀର କାନ୍ଦଣା

(iii) ଘୁମୁର ପିଟିବା

(iv) ଜୋକ ମୁହଁରେ ଲୁଣ

(c) ସନ୍ଧିବିଚ୍ଛେଦ କର : 2×4=8

(i) ଦେବାଳୟ

(ii) ତନ୍ମୟ

(iii) ମନସ୍ତାପ

(iv) ଅନ୍ତର୍ଯ୍ୟାମୀ

(d) ଭ୍ରମ ସଂଶୋଧନ କର : 2×4=8

(i) ଅଣ୍ଡି

(ii) ପୂଜ୍ୟାସ୍ପଦ

(iii) ମନବାଞ୍ଛା

(iv) ସାହାର୍ଯ୍ୟ

(e) ବିଶେଷ୍ୟକୁ ବିଶେଷଣରେ ଓ ବିଶେଷଣକୁ ବିଶେଷ୍ୟ ପଦରେ ପରିଣତ କରି ବାକ୍ୟରେ ପରିଣତ କର : 2×4=8

(i) ଅରଣ୍ୟ

(ii) ଅଳସ

(iii) ଚାରିତ୍ରିକ

(iv) ନୀଳିମା

***



Downloaded From: http://iasexamportal.com




# Prited Study Material forIAS Mains General Studies (GS I + GS II + GS III + GS IV)

## What you will get:

- 100% G.S. Syllabus Covered
- 8+ Booklets
- More Than 2500+ Pages
- Guidance & Support from Our Experts

## Our Objectives:

- Firstly to cover 100% civil service Mains examination (IAS) syllabus.
- Secondly to compile all the required study materials in a single place, So to save the precious time of the aspirants.

**For More Information Click below Link**

http://iasexamportal.com/civilservices/study-kit/gs-mains




# General Studies Test Series for IAS Mains Examination

## What you will get:

- **Login id & Password for online discussion**
- **Question Papers ( 12 Mock Tests : PDF File )**
- **Evaluated Answer Booklet by experts with proper feedback, comments & guidance.**
- **Answer format ( Synopsis ) of Mock Test paper**
- **Comprehensive analysis of previous year questions &**
- **Mode of Discussion: Email ,Telephonic and Online Discussion**
- **Value Addition material like**

  a. **Current General Studies Magazine**
  b. **Solved papers of General Studies Mains 2013**
  c. **Categorised question papers of last ten years of General Studies Mains Exam**
  d. **Trend Analysis**

## For More Information Click below Link

http://iasexamportal.com/civilservices/test-series/ias-mains-gs

# Online Coaching for General Studies - I, II, III & IV (Combo)- IAS Mains

- 100 % General Studies Syllabus Covered
- Expert Support and 'Ask Your Queries' Section
- Practice Tests to evaluate your performance
- Course Planning to ensure that you cover all the topics in time

Inaugural Offer at ₹ ~~8000~~ ₹ 2996

*For Any Query call our Course Co-ordinator - +91-7827687693, 8800734161*

---

# Online Coaching for IAS Mains General Studies I, II, III & IV (Combo)

---

## What you will Get (?)

- General Studies (Paper – I, II, III & IV) Online 100 % Reading Material of the Syllabus (Which can be saved easily)
- Slides (For Giving Summary of Each Topics)
- Categorized Unit and Sub-Unit Wise Question Papers of General Studies
- Current General Studies Magazine (Indispensable Magazine for General Studies)
- Daily Answer Writing Challenge for IAS Mains Contemporary Issues
- It is full of tips on areas of emphasis, caution while reading and writing , how to write the answer (?) .
- Model Test Question Paper for General Studies - I, II, III and IV for Mains Exam
- Online and Telephonic interaction with the course director, and continuous evaluation through a regular online writing session in every chapter and topic.

## For More Information Click below Link

http://iasexamportal.com/civilservices/courses/ias-mains-gs-combo